# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**25 June - 2024**

**News Editor : *Tapan Kumar Moharana***

****************************************

## ମୁଖ୍ୟ ସମ୍ବାଦ

- ଲୋକସଭା ବାଚସ୍ପତି ପଦ ପାଇଁ ଏନ୍‌ଡିଏ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କଲେ ପୂର୍ବତନ ବାଚସ୍ପତି ଓମ୍ ବିର୍ଲା; ଇଣ୍ଡିଆ ମେଣ୍ଟ ପକ୍ଷରୁ କେ. ସୁରେଶଙ୍କୁ କରାଯାଇଛି ପ୍ରାର୍ଥୀ
- ଅତ୍ୟାବଶ୍ୟକ ସାମଗ୍ରୀ ଦରଦାମ୍ ବୃଦ୍ଧିର ସମୀକ୍ଷା କଲେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ

— ଆବଶ୍ୟକ ପଡିଲେ ନାଫେଡ୍ ଦ୍ୱାରା ଖାଉଟିଙ୍କୁ ଯୋଗାଇ ଦିଆଯିବ ଅତ୍ୟାବଶ୍ୟକ ସାମଗ୍ରୀ

- ପୁରୀ ରଥଯାତ୍ରା ସମ୍ପର୍କିତ ସମସ୍ତ ନୀତିକାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ କରିବା ପାଇଁ ବୈଠକରେ ନିଷ୍ପତ୍ତି

ଏବଂ

- ରାଜ୍ୟରେ ଗତକାଲି ସୁଦ୍ଧା ସ୍ୱାଭାବିକଠାରୁ ୪୧ ପ୍ରତିଶତ କମ୍ ବର୍ଷା ହୋଇଥିବା ସୂଚନା ଦେଲା ପାଣିପାଗ ବିଭାଗ

# ବାଚସ୍ପତି ନିର୍ବାଚନ

ଲୋକସଭା ବାଚସ୍ପତି ପଦ ଲାଗି ଏନ୍‌ଡିଏ ପ୍ରାର୍ଥୀ ଭାବେ ପୂର୍ବତନ ବାଚସ୍ପତି ଓମ୍ ବିର୍ଲା ଆଜି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଅନ୍ୟପକ୍ଷରେ, ଇଣ୍ଡିଆ ମେଣ୍ଟର ପ୍ରାର୍ଥୀ ଭାବେ ବାଚସ୍ପତି ପଦ ପାଇଁ କେ.ସୁରେଶ ମଧ୍ୟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଆସନ୍ତାକାଲି ଅଷ୍ଟାଦଶ ଲୋକସଭାର ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ ।

ସୂଚନା ଅନୁସାରେ, ଗତକାଲି ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ କିଛି ସାଂସଦଙ୍କୁ କାମଚଳା ବାଚସ୍ପତି ଭର୍ତ୍ତୃହରି ମହତାବ ଶପଥପାଠ କରାଇଥିଲେ। ଦ୍ୱିତୀୟ ଦିନରେ ଆଜି ଅବଶିଷ୍ଟ ସାଂସଦଙ୍କୁ ଶପଥପାଠ କରାଉଛନ୍ତି। ଆସନ୍ତା ୨୭ ତାରିଖରେ ରାଜ୍ୟସଭାର ଅଧିବେଶନ ଆରମ୍ଭ ହେବ। ସଂସଦର ମିଳିତ ଅଧିବେଶନକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଗୁରୁବାର ଦିନ ସମ୍ବୋଧନ କରିବେ। ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆସନ୍ତା ଜୁଲାଇ ମାସ ୩ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଯୋଗାଣମନ୍ତ୍ରୀଙ୍କ ସମୀକ୍ଷା

ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧିକୁ ନେଇ ଖାଦ୍ୟଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସ୍ଥିତିର ସମୀକ୍ଷା କରିଛନ୍ତି । ଦରଦାମ୍ ବୃଦ୍ଧିର ମୁକାବିଲା ଲାଗି ରାଜ୍ୟର ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ସ୍ଥାପନ କରିବା ପାଇଁ ସରକାର ଯୋଜନା କରୁଛନ୍ତି ବୋଲି ଶ୍ରୀ ପାତ୍ର

କହିଛନ୍ତି। ସେ କହିଛନ୍ତି, ଅତି ଆବଶ୍ୟକ ପଡିଲେ ନାଫେଡ୍ ଦ୍ୱାରା ରିହାତି ଦରରେ ଖାଉଟୀଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯିବ।

## ସୁରେଶ ପୂଜାରୀ-ଅନୁଗୁଳ ଗସ୍ତ

ରାଜ୍ୟରେ ଶିଳ୍ପାୟନକୁ ନେଇ ଜମି ସମସ୍ୟା ଦୂର କରିବା ସହିତ ଚାଷ, ଚାଷୀ ଓ ନିଯୁକ୍ତିକୁ ପ୍ରାଥମିକତା ଦିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ରାଜସ୍ୱ ବିଭାଗର ସେବା ସବୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି। ଅନୁଗୁଳ ଗସ୍ତରେ ଆସି ଶ୍ରୀ ପୂଜାରୀ ଜିଲ୍ଲାର ନିର୍ବାଚିତ ବିଧାୟକଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ସମୀକ୍ଷା କରିଛନ୍ତି।

## ଟ୍ରାଫିକ୍ ପୋଷ୍ଟ-ହଟିବ ରେଲ ଲାଇଟ୍

ସହର ମଧ୍ୟରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଓଭର ବ୍ରିଜ, ଆପ୍ରୋଚ ରୋଡ ପରି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି।

ଅନ୍ୟପକ୍ଷରେ, ମେଟ୍ରୋ ରେଳ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ଭୁବନେଶ୍ୱର ଏବଂ କଟକରେ ମେଟ୍ରୋ ପ୍ରକଳ୍ପ କାମ ଚାଲୁ ରହିବ। ରାଜ୍ୟ ବଜେଟ୍ ପରେ ଆବଶ୍ୟକ ପଡିଲେ ମେଟ୍ରୋ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗ ନିଆଯାଇ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି।

## ଗହମ ଷ୍ଟକ

ସାମଗ୍ରିକ ଖାଦ୍ୟ ନିରାପତ୍ତାକୁ ନିୟନ୍ତ୍ରଣ କରିବା ଏବଂ ମହଜୁଦ ରଖିବା ପାଇଁ କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ନିମନ୍ତେ ବ୍ୟବସାୟୀଙ୍କ ପାଇଁ ପ୍ରଯୁଜ୍ୟ ଗହମ ଉପରେ ଷ୍ଟକ ସୀମା ଲାଗୁ କରିବାପାଇଁ ନିଷ୍ପତ୍ତି ନେଇଛନ୍ତି । ଏହା ଆସନ୍ତାବର୍ଷ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଲାଗୁ ରହିବ । ଷ୍ଟକ ସୀମା ପ୍ରତ୍ୟେକ ସଂସ୍ଥା ପାଇଁ ବ୍ୟକ୍ତିଗତ ଭାବେ ଲାଗୁ ହେବ । ଏହିକ୍ରମରେ ହୋଲସେଲର ବ୍ୟବସାୟୀ ୩ହଜାର ମେଟ୍ରିକ ଟନ୍ ଓ ରିଟେଲରମାନେ ପ୍ରତ୍ୟେକ ଖୁଚୁରା କେନ୍ଦ୍ରରେ ୧୦ ମେଟ୍ରିକ ଟନ୍ ପର୍ଯ୍ୟନ୍ତ ଗହମ ରଖିପାରିବେ ।

## ଜଣ୍ଡିସ-ଡାକ୍ତରୀ ଦଳ

ସମ୍ବଲପୁର ସହରରେ ଜଣ୍ଡିସ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସ୍ଥିତିକୁ ଅନୁଧ୍ୟାନ କରିବା ପାଇଁ ଦୁଇଜଣିଆ ଡାକ୍ତରୀ ଦଳ ପହଞ୍ଚିଛନ୍ତି । ଡାକ୍ତର ସୁରଜିତ ଗରାବଡୁ ଏବଂ ଡାକ୍ତର ସୁନୀତା ଜେନାଙ୍କୁ ନେଇ ଗଠିତ ଦଳ ଘରକୁ ଘର ବୁଲି ଯାଞ୍ଚ ଆରମ୍ଭ କରିଛନ୍ତି । ପ୍ରାଥମିକ ଭାବେ ପିଇବା ପାଣିରୁ ଜଣ୍ଡିସ ଆରମ୍ଭ ହୋଇଥିବା କୁହାଯାଇଛି । ଡାକ୍ତରୀ ଦଳ ସଂକ୍ରମିତ ଅଞ୍ଚଳ ବୁଲି ସ୍ଥିତି ଯାଞ୍ଚ କରିବେ। ସୂଚନାଯୋଗ୍ୟ, ଏବେ ସୁଦ୍ଧା ସମ୍ବଲପୁର ମହାନଗରରେ ୮୨ ଜଣ ଜଣ୍ଡିସ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ଶ୍ରୀମନ୍ଦିର ବୈଠକ

ପୁରୀ ଶ୍ରୀକ୍ଷେତ୍ରରେ ରଥଯାତ୍ରାଠାରୁ ନୀଳାଦ୍ରୀବିଜେ ପର୍ଯ୍ୟନ୍ତ ହେବାକୁଥିବା ସମସ୍ତ ନୀତିକାନ୍ତିର ସମୟ ଚୂଡାନ୍ତ ନେଇ ଆଜି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ପ୍ରସ୍ତାବ ପାରିତ ସହ ଅନୁମୋଦନ ମିଳିଛି। ନୀଳାଦ୍ରୀ ଭକ୍ତ ନିବାସରେ ପୂର୍ବାହ୍ନରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା। ଛତିଶାନିଯୋଗ ବୈଠକରେ ସ୍ଥିରୀକୃତ ହୋଇଥିବା ନୀତିନିର୍ଘଣ୍ଟ ଓ ବ୍ୟବସ୍ଥାବଳୀ ଉପରେ ଆଲୋଚନା କରାଯାଇ ଶ୍ରୀଜୀଉଙ୍କର ସମସ୍ତ ଦିବ୍ୟ ନୀତି ଚୂଡାନ୍ତ କରାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ସମେତ ଶ୍ରୀମନ୍ଦିର ପରିଚାଳନା କମିଟିର ସେବାୟତ ପ୍ରତିନିଧି ଓ ଅନ୍ୟ ସଦସ୍ୟମାନେ ବୈଠକରେ ଉପସ୍ଥିତ ଥିଲେ। ସୂଚନା ଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ କହିଛନ୍ତି,

ପୁରୀରେ ଗତକାଲି ଛତିଶାନିଯୋଗ ବୈଠକରେ ରଥଯାତ୍ରାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି । ଜୁଲାଇ ୬ ତାରିଖରୁ ଶ୍ରୀମନ୍ଦିରରୁ ପଟିଦିଅଙ୍କଠାରୁ ରଥଖଳାକୁ ଆଜ୍ଞାମାଳ ବିଜେ କରାଯିବାକୁ ସ୍ଥିର ହୋଇଛି । ସେହିଭଳି ଜୁଲାଇ ୭ ତାରିଖରୁ ରାତି ୨ଟାରୁ ଶ୍ରୀମନ୍ଦିର ଦ୍ୱାରଫିଟା ନୀତି କରାଯାଇ ନେତ୍ରୋତ୍ସବ ନୀତି ଅନୁଷ୍ଠିତ ହେବ । ପରେ ସେହିଦିନ ତିନିରଥର ପ୍ରତିଷ୍ଠା ଓ ମହାପ୍ରଭୁଙ୍କ ପହଣ୍ଡି, ଛେରାପହଁରା ଆଦି ନୀତି ଶେଷ ହେବାପରେ ଅପରାହ୍ଣ ୫ଟା ରଥଟଣା ହେବ ବୋଲି ଜଣାପଡ଼ିଛି ।

## +୩ ନାମଲେଖା

ରାଜ୍ୟର ମହାବିଦ୍ୟାଳୟଗୁଡ଼ିକରେ ଯୁକ୍ତ ୩ କଳା, ବିଜ୍ଞାନ, ବାଣିଜ୍ୟ ଓ ସଂସ୍କୃତ ପାଠ୍ୟକ୍ରମରେ ନାମଲେଖା ପାଇଁ ପ୍ରଥମ ଚୟନ ତାଲିକା ଆଜି ଅପରାହ୍ଣ ୪ଟାରେ ପ୍ରକାଶ ପାଇବ। ଏହି ପର୍ଯ୍ୟାୟରେ ଚୟନ ହୋଇଥିବା ଛାତ୍ରଛାତ୍ରୀ ଆସନ୍ତାକାଲିଠାରୁ ୨୯ ତାରିଖ ମଧ୍ୟରେ ନାମ ଲେଖାଇ ପାରିବେ। ଜୁଲାଇ ୫ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଚୟନ ତାଲିକା ପ୍ରକାଶ ପାଇବ। ରାଜ୍ୟରେ ଥିବା ୧ ହଜାର ୫୬ଟି ଡିଗ୍ରୀ କଲେଜର ୨ ଲକ୍ଷ ୭୪ ହଜାର ୬୯୧ଟି ଆସନ ପାଇଁ ୨ ଲକ୍ଷ ୩୭ ହଜାର ୭୯୫ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି।

## କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ

**ନୂଆପଡ଼ା** ଜିଲ୍ଲାରେ ଦୁଇଟି କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ହେଉଥିବାବେଳେ ଖଡିଆଳ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣକାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଖଡ଼ିଆଳ ବ୍ଲକ ପଦମପୁର ଏବଂ ବାଦିମୌଜାରେ ୧୦ ଏକର ଜମି ଚିହ୍ନଟ କରାଯାଇଛି। ୩୦ କୋଟି ୬୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଖଡିଆଳ କେନ୍ଦ୍ରୀୟ ବିଦ୍ୟାଳୟ କୋଠାକୁ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ କେନ୍ଦ୍ରୀୟ ବିଦ୍ୟାଳୟ କର୍ତ୍ତୃପକ୍ଷ ଲକ୍ଷ୍ୟ ରଖିଛନ୍ତି।

# ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ସକ୍ରିୟ ରହିଛି । ଏହାର ପ୍ରଭାବରେ ଆସନ୍ତାକାଲିଠାରୁ ବର୍ଷାର ପରିମାଣ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସମ୍ଭାବ୍ୟ ବନ୍ୟାଜନିତ ସ୍ଥିତିର ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତ ରହିବାକୁ ସ୍ୱତନ୍ତ୍ର ରିଲିଫ କମିସନର ସତ୍ୟବ୍ରତ ସାହୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ନଦୀବନ୍ଧଗୁଡ଼ିକର ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପକ୍ଷରେ ଗତକାଲିସୁଦ୍ଧା ରାଜ୍ୟରେ ସ୍ୱାଭାବିକଠାରୁ ୪୧ ପ୍ରତିଶତ କମ୍ ବର୍ଷା ହୋଇଥିବା ଜଣାପଡିଛି । ୫ଟି ଜିଲ୍ଲାକୁ ଛାଡ଼ିଦେଲେ ବାକି ସମସ୍ତ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଛି ।

ଅନ୍ତର୍ଜାତୀୟ ପାଣିପାଗ ବିଜ୍ଞାନୀ ଜାସନ ନିକୋଲାସ୍‌ଙ୍କ ଆକଳନ ଅନୁସାରେ, ଜୁଲାଇ ମାସ ଦ୍ୱିତୀୟ ସପ୍ତାହରେ **ଲା-ନିନା** ପ୍ରଭାବରେ ପାଣିପାଗ ବଦଳିବ । ଓଡ଼ିଶା ଉପରେ ଏହାର ସକାରାତ୍ମକ ପ୍ରଭାବ ପଡିବ ।

*********************************